# NATIONAL NEWS BULLETIN (ODIA)

**5 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଶ୍ୱ ପରିବେଶ ଦିବସ ଅବସରରେ ସ୍ୱତନ୍ତ୍ର ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଭାରତର ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ନେଇ ଆମେରିକାର ନେତୃବୃନ୍ଦଙ୍କ ସହ ଆଲୋଚନା କଲେ ବହୁଦଳୀୟ ସଂସଦୀୟ ପ୍ରତିନିଧି ଦଳ ।

- ସିକ୍କିମର ଚାଟେନ୍‌ଠାରେ ଅଟକି ରହିଥିବା ପର୍ଯ୍ୟଟକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ।

- ୧୨ଟି ରାଷ୍ଟ୍ର ଉପରେ ଯାତ୍ରା ପ୍ରତିବନ୍ଧକ ଜାରି କଲା ଆମେରିକା ।

ଏବଂ

- ମହିଳା ହକି ଏସିଆ କପ୍ ୨୦୨୫ର ପ୍ରକାଶ ପାଇଲା କାର୍ଯ୍ୟସୂଚୀ ।

## ୱାର୍ଲ୍ଡ ଏନଭରମେଣ୍ଟ ଡେ

ପୃଥିବୀକୁ ସବୁଜ ସୁନ୍ଦର ଏବଂ ପ୍ରଦୂଷଣମୁକ୍ତ କରିବା ଓ ଭବିଷ୍ୟତ ପୀଢ଼ି ପାଇଁ ଏକ ସ୍ୱାସ୍ଥ୍ୟକର ବିଶ୍ୱ ଗଠନ ଉଦ୍ଦେଶ୍ୟରେ ଆଜି ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି । ୧୯୭୩ ମସିହା ପରଠାରୁ ମିଳିତ

ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଅଧୀନରେ ଆଜିର ଦିନକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପ୍ଲାଷ୍ଟିକ ପ୍ରଦୂଷଣର ମୁକାବିଲା କରିବା' ।

## ପିଏମ୍ ଏନ୍‌ଭରମେଣ୍ଟ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭଗବାନ ମହାବୀର ବନସ୍ଥଳୀ ପାର୍କରେ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ସ୍ୱତନ୍ତ୍ର ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଶ୍ରୀ ମୋଦୀ ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଅଧୀନରେ ଏକ ବଟବୃକ୍ଷର ଚାରା ରୋପଣ କରିଛନ୍ତି ।

ଏଥିସହିତ ପ୍ରଧାନମନ୍ତ୍ରୀ ଆଜି ଆରାଭାଲ୍ଲି ଗ୍ରିନ୍ ୱାଲ୍ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ୭୦୦ କିଲୋମିଟର ଅଞ୍ଚଳ ପରିମିତ ଆରାଭାଲ୍ଲି ରେଞ୍ଜକୁ ପୁନଃ ବନିକରଣ କରିବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ ।

**V/O (PM Envernment)**

ଦିଲ୍ଲୀ ରାଜସ୍ଥାନ, ହରିଆଣା ଓ ଗୁଜରାଟର ୨୯ଟି ଜିଲ୍ଲା ଏହି ପ୍ରକଳ୍ପ ଅଧୀନରେ ଆସୁଛି । ଏହି ପ୍ରକଳ୍ପ ଅଧୀନରେ ଆରାଭାଲ୍ଲିର ଜୈବ ବିବିଧ ପ୍ରକ୍ରିୟାକୁ ଉଜ୍ଜୀବିତ ରଖିବା ତଥା ସୁସଂହତ ରଖିବା ଦିଗରେ ପୁନଃ ବନିକରଣ ସମେତ ଅନ୍ୟାନ୍ୟ ପ୍ରକ୍ରିୟା ମାଧ୍ୟମରେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏହାଛଡ଼ା ସ୍ଥାନୀୟ ମୃତ୍ତିକାକୁ ଅଧିକ ଉର୍ବର କରିବା, ଜଳର

ଉପଲବ୍ଧତାକୁ ସୁଗମ କରିବା ଏବଂ ଜଳବାୟୁ ପରିବର୍ତ୍ତନର କୁ-ପ୍ରଭାବକୁ ରୋକିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି ।

ଏହି ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶ ଅନୁକୂଳ ଯାତାୟତ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଦିଲ୍ଲୀ ସରକାରଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ୨୦୦ଟି ଇଲେକ୍ଟ୍ରିକ୍ ବସ୍‌ର ଶୁଭାରମ୍ଭ କରିଛନ୍ତି ।

## ପିଏମ୍-ସିନ୍ଦୂର

ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଏକ ସିନ୍ଦୂର ଚାରାରୋପଣ କରିଛନ୍ତି । ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଅସାଧାରଣ ସାହସ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଥିବା ଗୁଜୁରାଟ କୁଚ୍‌ର ସାହସୀ ମା' ଏବଂ ଭଉଣୀମାନେ ତାଙ୍କୁ ଏହି ଚାରା ଉପହାର ଦେଇଛନ୍ତି । ନିକଟରେ ତାଙ୍କର ଗୁଜୁରାଟ ଗସ୍ତକୁ ମନେପକାଇ ମୋଦୀ କହିଛନ୍ତି ସିନ୍ଦୂର ଚାରାର ଉପହାର ଦେଶର ମହିଳା ଶକ୍ତିର ସାହସ ଏବଂ ପ୍ରେରଣାର ଏକ ଦୃଢ଼ ପ୍ରତୀକ ହୋଇ ରହିବ ।

# ଅଲ୍ ପାର୍ଟି ଡେଲିଗେସନ

କଂଗ୍ରେସ ସାଂସଦ ଶଶୀ ଥରୁର୍‌ଙ୍କ ନେତୃତ୍ୱାଧୀନ ବହୁଦଳୀୟ ସଂସଦୀୟ ପ୍ରତିନିଧି ଦଳ ଆମେରିକାରେ ଭାରତର ଆତଙ୍କବାଦ ବିରୋଧୀ ନୀତି ସମ୍ପର୍କରେ ଦୃଢ଼ଭାବେ ଉପସ୍ଥାପନ କରିଛନ୍ତି । ଆମେରିକାର ରାଜନୈତିକ ନେତା, ବରିଷ୍ଠ ଅଧିକାରୀ ଏବଂ ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା ହୋଇଥିବା ସୂଚନା ମିଳିଛି । ଶ୍ରୀ ଥରୁର୍ କହିଛନ୍ତି ଆମେରିକା ପକ୍ଷରୁ ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରାଯିବା ସହ ଏହାକୁ ବିରୋଧ କରିବା ନେଇ ଭାରତର ସମ୍ପୂର୍ଣ୍ଣ ଅଧିକାର ରହିଛି ବୋଲି ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଆମେରିକାର ସମର୍ଥନ ପରେ ଭାରତ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି ।

ଗଣମାଧ୍ୟମ ସହ କଥାବାର୍ତ୍ତାବେଳେ ବୈଦେଶିକ ବ୍ୟାପାର କମିଟି ମୁଖ୍ୟ ବ୍ରାଏନ୍ ମସ୍ତ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହ ପୃଥିବୀର ଯେକୌଣସି ସ୍ଥାନରେ ଏଭଳି ଆତଙ୍କବାଦୀ ଆକ୍ରମଣର କୌଣସି ସ୍ଥାନ ନାହିଁ ବୋଲି ମତ ରଖିଛନ୍ତି । ସେ କହିଛନ୍ତି ଯେତେବେଳେ ତୁମ ଉପରେ ଆକ୍ରମଣ ହୋଇଛି ସେତେବେଳେ ଜବାବ ଦେବା ବ୍ୟତୀତ କୌଣସି ଉପାୟ ନାହିଁ ।

ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ଦଳ ଆଜି ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କୁ ସାକ୍ଷାତ୍ କରିଛନ୍ତି । ସେହିପରି ସାଂସଦ କାନି ମୋଇଙ୍କ ନେତୃତ୍ୱାଧୀନ ଦଳ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିବା ଜଣାପଡିଛି ।

୭ଟି ବହୁଦଳୀୟ ସଂସଦୀୟ ପ୍ରତିନିଧି ଦଳ ମଧ୍ୟରୁ ୫ଟି ଦଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଗସ୍ତ ସମୟରେ ପ୍ରତିନିଧି ଦଳ ବିଭିନ୍ନ ଦେଶର ରାଜନୈତିକ ନେତୃବୃନ୍ଦ, ବରିଷ୍ଠ ଅଧିକାରୀ, ଗଣମାଧ୍ୟମ ଏବଂ ପ୍ରବାସୀ ଭାରତୀୟଙ୍କ ସହ ଭାରତର ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।

## ସିକ୍କିମ-ଟୁରିଷ୍ଟ

ସିକ୍କିମର ଚାଟେନ୍‌ଠାରେ ଫସି ରହିଥିବା ପର୍ଯ୍ୟଟକଙ୍କୁ ଆଜି ପାକ୍ୟଙ୍ଗ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦରରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ବାୟୁସେନାର ୨ଟି ଏମ୍.ଆଇ-୧୭ ହେଲିକପ୍ଟର ସହାୟତାରେ ପ୍ରଥମ ଦୁଇଟି ପର୍ଯ୍ୟାୟରେ ୬୩ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ସାରିଥିବା ସୂଚନା ମିଳିଛି । ପାକ୍ୟଙ୍ଗ ବିମାନ ବନ୍ଦରରୁ ସିଲିଗୁଡ଼ିକୁ ଯାତ୍ରୀମାନଙ୍କୁ ପଠାଇବା କାର୍ଯ୍ୟ ଆରମ୍ଭ ହୋଇଛି । ସିକ୍କିମ ସରକାର ସେଥିପାଇଁ ବସ୍ ବ୍ୟବସ୍ଥା କରିଛନ୍ତି । ଅନ୍ୟପକ୍ଷରେ ଯାତ୍ରୀମାନଙ୍କୁ ବାଗ୍‌ଡୋଗ୍ରା ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ଆଣିବା ଲାଗି ଗୋଟିଏ ଏମ୍.ଆଇ-୧୭ ହେଲିକପ୍ଟରକୁ ପ୍ରସ୍ତୁତ ରଖାଯାଇଛି । ଆଜି ଅପରାହ୍ଣ ସୁଦ୍ଧା ପାଗ ଭଲ ରହିଲେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଯିବାର ସମ୍ଭାବନା ରହିଛି ।

ସୂଚନାଯୋଗ୍ୟ ଗତ ସପ୍ତାହରେ ପ୍ରବଳ ବର୍ଷା ଯୋଗୁଁ ସିକ୍କିମର ଅନେକ ଅଞ୍ଚଳରେ ଭୂସ୍ଖଳନ ହେବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବିଶେଷକରି ଲାଚେନ୍ ଯାଇଥିବା ସମସ୍ତ ସଡ଼କପଥ ଭାସିଯାଇଥିବାରୁ

ଏହାର ପୁନଃରୁଦ୍ଧାର ୨ରୁ ୩ ସପ୍ତାହ ପର୍ଯ୍ୟନ୍ତ ସମୟ ଲାଗିବା ନେଇ ସେଠାକାର ପୁଲିସ ଅଧୀକ୍ଷକ କହିଛନ୍ତି ।

## ବୈଷ୍ଣବ - ଏନ୍‌ଭରମେଣ୍ଟ ରେଲୱେଜ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଉପରେ ଗୁରୁତ୍ୱ ଦେଇ ଭାରତୀୟ ରେଳବାଇ ସ୍ୱଚ୍ଛ ପରିବହନ ବ୍ୟବସ୍ଥା ଆପଣାଉଛି । ୨୦୭୦ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ ନିମନ୍ତେ ସ୍ଥିରିକୃତ ପଞ୍ଚାମୃତ ଲକ୍ଷ୍ୟ ହାସଲକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ଭାରତୀୟ ରେଳ ସେବାରେ ଗତବର୍ଷ ୭୦୦ କୋଟିରୁ ଅଧିକ ଯାତ୍ରୀ ଯାତ୍ରା କରିଛନ୍ତି ଏବଂ ଭାରତୀୟ ରେଳ ଜାତୀୟ ପରିବହନ ବ୍ୟବସ୍ଥାର ଏକ ପ୍ରମୁଖ ଅଂଶ ପାଲଟିଛି ବୋଲି ସେ କହିଛନ୍ତି । ୨୦୧୩-୧୪ରେ ମାଲ୍ ପରିବହନ ପରିମାଣ ୧ହଜାର ମିଲିୟନ ଟନ୍ ଥିବାବେଳେ ୨୦୨୪-୨୫ ସୁଦ୍ଧା ଏହା ଏକହଜାର ୬୧୭ ମିଲିୟନ ଟନ୍‌କୁ ବୃଦ୍ଧି ପାଇ ବିଶ୍ୱସ୍ତରରେ ଦ୍ୱିତୀୟ ବୃହତ୍ ମାଲ୍ ପରିବହନ ବ୍ୟବସ୍ଥାରେ ପରିଣତ ହୋଇଥିବା ମନ୍ତ୍ରୀ କହିଛନ୍ତି । ଦେଶରେ ୧୪୩ ମିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରାଯାଇଛି, ଯାହା ୧୨୧କୋଟି ବୃକ୍ଷ ସହ ସମାନ ବୋଲି ସେ କହିଛନ୍ତି ।

# ଟ୍ରମ୍ପ-ଟ୍ରାଭେଲ ବ୍ୟାନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୨ଟି ରାଷ୍ଟ୍ର ଉପରେ ଯାତ୍ରା ପ୍ରତିବନ୍ଧକ ଜାରି କରିଛନ୍ତି । ଜାତୀୟ ସୁରକ୍ଷା ଏବଂ ଆମେରିକାର ନାଗରିକଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି । ସେହି ୧୨ଟି ରାଷ୍ଟ୍ର ହେଉଛନ୍ତି ଆଫଗାନିସ୍ତାନ, ମ୍ୟାଁମାର, ଚାଦ୍, କଙ୍ଗୋ, ଗାଏନା, ଏରିଟ୍ରିଆ, ହାଇତି, ଇରାନ୍, ଲିବିୟା, ସୋମାଲିଆ, ସୁଦାନ ଏବଂ ୟେମେନ୍ । ଏହିସବୁ ରାଷ୍ଟ୍ରଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଭାବେ ଯାତ୍ରା କଟକଣା ଜାରି କରାଯାଇଛି । ଅନ୍ୟପକ୍ଷରେ ୭ଟି ଦେଶ ଉପରେ ଆମେରିକାକୁ ଆଂଶିକ ଯାତ୍ରା କଟକଣା ଜାରି କରାଯାଇଛି । ସେହି ରାଷ୍ଟ୍ରଗୁଡ଼ିକ ହେଉଛି ଗୁରୁଣ୍ଡି, କ୍ୟୁବା, ଲାଓସ, ସିଏରା ଲିୟନ, ଟୋଗୋ, ତୁର୍କମେନିସ୍ତାନ ଓ ଭେନ୍‌ଜୁଆଲା । ସୂଚନାଯୋଗ୍ୟ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ପ୍ରଥମ ପାଳିରେ ଅନେକଗୁଡ଼ିଏ ମୁସଲିମ ବହୁଳ ରାଷ୍ଟ୍ର ଉପରେ ଯାତ୍ରା ପ୍ରତିବନ୍ଧକ ଜାରି କରିଥିଲେ । ତେବେ ପୂର୍ବଭଳି ଏହି ନିଷେଧାଦେଶ ବିରୋଧରେ କୋର୍ଟରେ ମାମଲା ଦାୟର ହେବା ନେଇ ସମ୍ଭାବନା ଦେଖାଦେଇଥିବା ଜଣାପଡିଛି ।

# ପିଏମ୍-ରାମସାର ସାଇଟ୍ସ

ଭାରତର ଅନ୍ୟ ୨ଟି ଐତିହାସିକ ସ୍ଥଳକୁ ରାମ୍ସାର ଐତିହ୍ୟ ସ୍ଥଳୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାକୁ ମିଶାଇ ଭାରତର ରାମ୍ସାର ଐତିହ୍ୟସ୍ଥଳୀ ସଂଖ୍ୟା ୯୧କୁ ବୃଦ୍ଧି ପାଇଛି। ରାଜସ୍ଥାନର ହଲୋଦିସ୍ଥିତ ଖିଚାନ ଏବଂ ଉଦୟପୁରସ୍ଥିତ ମେନାର ଆର୍ଦ୍ରଭୂମିକୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବୁଜ ଭାରତ ଗଠନ ଦିଗରେ ଏହା ଆଉଏକ ପଦକ୍ଷେପ ବୋଲି ପ୍ରମାଣ କରୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିବେଶ ସଂରକ୍ଷଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯାଦବ କହିଛନ୍ତି ଲୋକଙ୍କ ଯୋଗଦାନ ଫଳରେ ଭାରତ ପରିବେଶ ସଂରକ୍ଷଣ ଦିଗରେ ନୂତନ କୀର୍ତ୍ତିମାନ ସ୍ଥାପନ କରୁଛି । ଏକ ସବୁଜ ସୁନ୍ଦର ବିଶ୍ୱ ଗଠନ ଲାଗି ରାମ୍ସା ତାଲିକାରେ ବିଭିନ୍ନ ଆର୍ଦ୍ରଭୂମିର ବିକାଶ ଏବଂ ସଂରକ୍ଷଣ ଦିଗରେ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି । ଇରାନ୍‌ର ଏକ ସହର ରାମ୍ସାର ନାମରେ ୧୯୭୧ ମସିହା ଫେବୃୟାରୀ ୨ ତାରିଖରେ ରାମ୍ସାର୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଭାରତ ୧୯୮୨ ମସିହା ଫେବୃୟାରୀ ୧ ତାରିଖରେ ଏହି ଚୁକ୍ତିକୁ ଗ୍ରହଣ କରିଥିଲା ।

# ହକି ଓ୍ୱିମେନ୍ସ ଏସିଆ କପ୍

ମହିଳା ହକି ଏସିଆ କପ୍ ୨୦୨୫ର କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଚଳିତବର୍ଷ ସେପ୍ଟେମ୍ବର ୫ରୁ ୧୪ତାରିଖ ପର୍ଯ୍ୟନ୍ତ ଚୀନ୍‌ର ହାଙ୍ଗଜାଉରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ’ ଥାଇଲାଣ୍ଡ ସହ ମୁକାବିଲା କରିବ । ପୁଲ୍-ବିରେ ଭାରତ ସହ ଜାପାନ, ଥାଇଲାଣ୍ଡ ଏବଂ ସିଙ୍ଗାପୁର ରହିଥିବାବେଳେ ପୁଲ୍-ଏରେ ଚୀନ୍, କୋରିଆ, ମାଲେସିଆ ଏବଂ ଚାଇନିଜ୍ ତାଇପେଇ ରହିଛି ।

ଗତବର୍ଷ ଏହି ପ୍ରତିଯୋଗିତାରେ ଟିମ୍ ଇଣ୍ଡିଆ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ଚଳିତବର୍ଷ ଟାଇଟଲ ହାସଲ ଲାଗି ଉଦ୍ୟମ କରିବ । ଏସିଆ କପ୍‌ରେ ବିଜୟୀ ଦଳ ସିଧାସଳଖ ୨୦୨୬ ମହିଳା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବେ ।